# ୨୧୯ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ

ଫିରିଙ୍ଗିଆ, ୭।୩

ସରକାର ଶିକ୍ଷାର ବିକାଶ ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପ୍ରଚେଷ୍ଟା ମଧ ଜାରି ରଖିଛନ୍ତି। କିନ୍ତୁ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ନିଯୁକ୍ତି

## ସଲାଗୁଡା ସେବାଶ୍ରମ

କରୁ ନାହାନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ସଲାଗୁଡା ସରକାରୀ ଉଚ୍ଚ ପ୍ରାଥମିକ ସେବାଶ୍ରମରେ।

ଏହି ବିଦ୍ୟାଳୟରେ ୨୧୯ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ମାତ୍ର ୩ ଜଣ ଶିକ୍ଷକ ସେମାନଙ୍କୁ ପାଠ ପଢାଉଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ଶିକ୍ଷକଙ୍କ ଅଭାବ ନେଇ ଅଞ୍ଚଳବାସୀ ବାରମ୍ଵାର ଅଭିଯୋଗ କଲେ ମଧ ପଦକ୍ଷେପ ନିଆଯାଉ ନାହିଁ। ତୁରନ୍ତ ଶିକ୍ଷକ ନିଯୁକ୍ତି କରା ନ ଗଲେ ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ଉକ୍ତ ସେବାଶ୍ରମରେ ପ୍ରଥମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ହଷ୍ଟେଲରେ ରହି ୧୧୦ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ୧୦୯ ଜଣ ପ୍ରତିଦିନ ଯିବା ଆସିବା କରନ୍ତି। ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୧୯ ହୋଇଥିବା ବେଳେ ଛାତ୍ରୀ ୧୩୩ ଓ ଛାତ୍ର ସଂଖ୍ୟା ୮୬। ୩ ଜଣ ଶିକ୍ଷକ ଏତେ ପିଲାଙ୍କୁ ପଢାଇବାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏଠାର ପ୍ରଶାସନିକ ଅଧିକାରୀଙ୍କ ମନମାନି ଯୋଗୁ ଆଦିବାସୀ ଏବଂ ପଛୁଆବର୍ଗ ପିଲାଙ୍କ ଭବିଷ୍ୟତ ନଷ୍ଟ ହେଉଛି। ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ, ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି କରାଯାଉ ବୋଲି ବିଦ୍ୟାଳୟ ପରିଚାଳନା ସଭାପତି ଭରତ ଦିଗାଲ ଦାବି କରିଛନ୍ତି। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ଶେଷଦେବ ବେହେରାଙ୍କୁ ମଧ ସମସ୍ୟା ବିଷୟରେ ଅବଗତ କରାଯାଇଥିବା ସେ କହିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ବେହେରା ବିଦ୍ୟାଳୟ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିବା ପରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଏହି ସେବାଶ୍ରମ ୨୦୧୬ରେ ନିର୍ମିତ ହୋଇଥିଲେ ହେଁ ଅନ୍ତେବାସୀଙ୍କ ପାଇଁ ଫ୍ୟାନଟିଏ ମଧ ନାହିଁ। ଫଳରେ ବହୁ ଅସୁବିଧାରେ ଗରମରେ ରହୁଛନ୍ତି।




## ସଂକ୍ଷେପରେ

### ବାର୍‌ହା ଆକ୍ରମଣରେ ଦମ୍ପତି ଆହତ

ଭଞ୍ଜନଗର,୭।୩(ଡି.ଏନ.ଏ.): ମୁଜାଗଡ଼ ରେଞ୍ଜ କୁରୁମପଡ଼ାଳରେ ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ବାର୍‌ହା ଆକ୍ରମଣରେ ଦମ୍ପତି ଆହତ ହୋଇଛନ୍ତି। ସେମାନେ ହେଲେ କୁନି ସେଠୀ ଓ ଆକୁଳ ସେଠୀ। ଆହତଦ୍ଵୟଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, କୁନି ଶନିବାର ସକାଳେ ନଦୀକୁ ଗାଧୋଇବାକୁ ଯାଉଥିଲେ। ଏହି ସମୟରେ ବୁଦା ଭିତରେ ଥିବା ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ନିକଟରେ ଥିବା ସ୍ଵାମୀ ଆକୁଳ ମଧ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ଉତ୍ତର ଘୁମୁସର ବନଖଣ୍ଡରେ ଦିନକୁ ଦିନ ବାର୍‌ହା ଆକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି।

### ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ଆସିକା,୭।୩ (ଡି.ଏନ୍.ଏ.): ଆସିକା ବ୍ଲକ ମଙ୍ଗଳପୁର ଗ୍ରାମରେ ସୁକନଈ ଉପରେ ଏକ ସେତୁ ଓ ମୁନିଗାଡି ଠାରୁ ଖୁକୁଣ୍ଡିଆ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁକ୍ରବାର ମଧାହ୍ନରେ ଆସିକା ବିଧାୟିକା ମଞ୍ଜୁଳା ସ୍ଵାଇଁଙ୍କ ଦ୍ଵାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪୬ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦରେ ଏହି କାର୍ଯ୍ୟ ହେବ। ବିଧାୟିକାଙ୍କ ସହ ଏହି କାର୍ଯ୍ୟକ୍ରମରେ ଆସିକା ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟଦେବ ମହାରଣା, ସହକାରୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, ଯୁବନେତା ନଚିକେତା ସ୍ଵାଇଁ, ଶିବ ନାହାକ, ସୂର୍ଯ୍ୟକାନ୍ତ ପରିଡା, ପ୍ରଫୁଲ୍ଲ କୁମାର ବିଶ୍ଵାଳ, ରାଜେଶ୍ କୁମାର ପଟ୍ଟନାୟକ, ନାଗାର୍ଜୁନ ବିଷୋୟୀ, ସଞ୍ଜୟ କୁମାର ଜେନା, ମନୋଜ କୁମାର ପୋଲାଇ, ସୁନିତା ବେହେରା ପ୍ରମୁଖ ସାମିଲ୍ ଥିଲେ।

### ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ଶିକ୍ଷକ, ଛାତ୍ରୀଙ୍କୁ ସହାୟତା

ଶେରଗଡ,୭।୩(ଡି.ଏନ୍.ଏ.): ଶେରଗଡ ବିଇଓ ଭାସ୍କର ଲେଙ୍କା। କେତେବେଳେ ବିଦ୍ୟାଳୟ ବୁଲନ୍ତି ତ କେତେବେଳେ ସାଧା ପୋଷାକରେ ବିଦ୍ୟାଳୟ ପରିଦର୍ଶନ କରନ୍ତି। କେତେବେଳେ ବେଶ ଧରି ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ତଦାରଖ କରିବାଟା ନଜରରେ ରହିଛି। କେଉଁ ବିଦ୍ୟାଳୟକୁ ସହାୟତା କରନ୍ତି କେଉଁ ବିଦ୍ୟାଳୟକୁ ନିଜ ପକେଟରୁ ସହାୟତା କରନ୍ତି। ଏମିତି କିଛି କଥା ନଜରରେ ଆସିଲାଣି। ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ଵାରା ସ୍ଥାପିତ ଗୁରୁଛାତ୍ର କଲ୍ୟାଣ ପାଣ୍ଠି ଗତ ଏକବର୍ଷ ହେଲା ଜିଲାରେ ଚାଲିଛି। ଏହି ଅର୍ଥରେ କର୍ତ୍ତବ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କ ଚିକିତ୍ସା, ଅକାଳ ବିୟୋଗ, ଦୁର୍ଘଟଣାରେ ଶିକାର ହେଉଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରାଯାଇ ଆସୁଛି। ଏହିକ୍ରମରେ ଶୁକ୍ରବାର ଶେରଗଡ ବ୍ଲକ ଲାଉଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୀମାଦ୍ରି ପ୍ରଧାନଙ୍କୁ ହୃଦରୋଗର ଚିକିତ୍ସା ପାଇଁ ୭୦୦୦ ଟଙ୍କାର ଏକ ଚେକ୍ ବିଇଓ ଭାସ୍କର ଲେଙ୍କା ପ୍ରଦାନ କରିଛନ୍ତି। ସେହିପରି ଗୁଡିସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୁମିତ୍ରା ବେହେରା(ନନ୍ଦିନୀ)ଙ୍କୁ ଚର୍ମରୋଗର ଚିକିତ୍ସା ପାଇଁ ନଗଦ ୫ହଜାର ଟଙ୍କା ଶୁକ୍ରବାର ବିଇସ ଲେଙ୍କା ପ୍ରଦାନ କରିଛନ୍ତି।

## ଗଞ୍ଜାମ ଜିଲାରେ ଶନିବାର ‘ନୋ ବ୍ୟାଗ୍ ଡେ’ ଆରମ୍ଭ କରାଯାଇଥିବାରୁ ସେନେଇ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ପ୍ରତିକ୍ରିୟା।

### ସେମାନେ କୁହନ୍ତି...



ନୋ ବ୍ୟାଗ୍ ଡେ ନେଇ ଆମେ ଖୁସି ଅଛୁ। ଜିଲାରେ ଏପରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାରୁ ଗର୍ବ ଅନୁଭବ କରୁଛି। କରୋନା ଭାଇରସ୍ ସମ୍ପର୍କରେ ଜିଲାପାଳ ଆମକୁ ସଚେତନ କରିଛନ୍ତି।

**ଆଶିଷ କୁମାର ଶତପଥୀ, ୫ମ ଶ୍ରେଣୀ ଛାତ୍ର**



ଜିଲାପାଳ ସ୍କୁଲକୁ ଆସି ଏହାର ଶୁଭାରମ୍ଭ କରିଛନ୍ତି। କରୋନା ଭାଇରସ୍ ସମ୍ପର୍କରେ ସେ ପଚାରିଥିଲେ। ସାର୍‌ଙ୍କର ଅଭିନବ ପଦକ୍ଷେପ ନେଇ ସମସ୍ତେ ଖୁସି ଅଛୁ। ପାଠପଢା ବଦଳରେ ନାଚ ଗୀତ ଓ ଚିତ୍ର ଆଙ୍କୁଛୁ।

**ପ୍ରତିଭା ନନ୍ଦ, ୫ମ ଶ୍ରେଣୀ ଛାତ୍ରୀ**



କାର୍ଯ୍ୟକ୍ରମର ସଫଳତା ନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦାୟିତ୍ଵ ରହିଛି। ଏହାଦ୍ଵାରା ଛାତ୍ରୀଛାତ୍ରଙ୍କର ମାନସିକ ଓ ବୌଦ୍ଧିକ ଜ୍ଞାନର ବିକାଶ ହେବ। ଏହାର ସଫଳତା ମିଳିଲେ ଆଗାମୀ ଦିନରେ ୬ଷ୍ଠରୁ ଦଶମ ଶ୍ରେଣୀରେ ମଧ ନୋ ବ୍ୟାଗ୍ ଡେ କଥା ଚିନ୍ତା କରାଯିବ। ମୋ ଗେହ୍ଲା ଝିଅ, ସାମାନ୍ୟ ଜ୍ଞାନ ସମ୍ପର୍କରେ ମଧ ଛାତ୍ରୀଛାତ୍ରଙ୍କୁ ଜଣାଯିବ।

**ବିଜୟ ଅମୃତା କୁଲାଙ୍ଗେ, ଗଞ୍ଜାମ ଜିଲାପାଳ**



ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ବ୍ୟବସ୍ଥା ଦ୍ଵାରା ଛାତ୍ରୀଛାତ୍ରଙ୍କୁ ସମୟ ମିଳିବ। ଚିତ୍ରାଙ୍କନ ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡ୍ରଇଁ ସିଟ୍ ଦିଆଯାଇଛି। ଛାତ୍ରୀଛାତ୍ରମାନେ ବେଶ୍ ଖୁସି ଅଛନ୍ତି।

**ଏନ୍. ରାଜେଶ୍ଵରୀ ରେଡ୍ଡୀ, ପ୍ରଧାନ ଶିକ୍ଷୟିତ୍ରୀ**

# ଆର୍‌ସିସି, ଅମରନାଥ ଯୁଗ୍ମ ବିଜେତା

## ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଭଞ୍ଜନଗର,୭।୩(ଡି.ଏନ.ଏ)

ଭଞ୍ଜନଗର କଲେଜ ପଡ଼ିଆରେ ଚାଲିଥିବା ବିଜୟାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ହୋଇଥିଲା। ଆସିକାର ଅମରନାଥ କ୍ରିକେଟ କ୍ଲବ ଓ ଆସିକାର ଋଷିକୁଲ୍ୟା କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ୍ ବାତିଲ ହୋଇଥିଲା। ଶେଷରେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ଅମରନାଥ କ୍ରିକେଟ

### ବର୍ଷା ଯୋଗୁ ମ୍ୟାଚ୍ ବାତିଲ

କ୍ଲବ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୯ ଓଭରରେ ୬୪ ରନ୍ କରିଥିବାବେଳେ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ନ ଛାଡିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଉଭୟ ଟିମ୍‌କୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ବରିଷ୍ଠ ନାଗରିକ ବିବେକାନନ୍ଦ ପଟ୍ଟନାୟକ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁରାଗ ପଟ୍ଟନାୟକ, ପ୍ରେମଜିତ୍ ପଟ୍ଟନାୟକ, ପ୍ରମୋଦ ବିଷୋୟୀ, ବୁଲୁ ବିଷୋୟୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଗ୍‌ଦେବୀ କ୍ରିକେଟ କ୍ଲବ ଖେଳାଳିମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଗଞ୍ଜାମ ଐତିହାସିକ ଦୋଳଯାତ୍ରା ଆରମ୍ଭ

ଗଞ୍ଜାମ,୭।୩(ଡି.ଏନ.ଏ.)

ଗଞ୍ଜାମ ସହରର ଐତିହାସିକ ଦୋଳ ଯାତ୍ରା ଆରମ୍ଭ ହୋଇଛି। ପାଞ୍ଚ ଦିନ ବ୍ୟାପି ହେବାକୁ ଥିବା ଏହି ଯାତ୍ରାରେ ଗୁରୁବାର ଠାକୁରଙ୍କୁ ଫଗୁ ଲଗାଯାଇ ବିଭିନ୍ନ ସାହି ଗୁଡ଼ିକରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଶୁକ୍ରବାର ସମସ୍ତ ସାହିର ଠାକୁର ସୁସଜ୍ଜିତ ବିମାନ ଯୋଗେ ଦ୍ଵାରଭୋଗ ଖାଇ ନିଜ ନିଜ ସ୍ଥାନ ମନ୍ଦିରକୁ ଫେରିଛନ୍ତି। ରିତୀନୀତି ଅନୁସାରେ ଠାକୁରଙ୍କ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଶନିବାର

### ଆଜି ବଜାର ଯାତ୍ରା

ସାହିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସାହି ତଥା ପୁଙ୍ଗତୋଳାର ବଡ଼ସାହି, ବାରିକି ସାହି ଓ ସାନ ସାହି, ଦାମୋଦରପୁର, ବ୍ରାହ୍ମଣ ଢ଼ାମଣା ସାହି, ଓଡ଼ିଆ ଢ଼ାମଣା ସାହି, ସାମନ୍ତରା ସାହି, ପଣ୍ଡା ସାହି, ଚୌଧୁରୀ ସାହି, ଦୁର୍ଗାଦେବୀ ସାହି, ରାଉଳ ସାହି ସମେତ ବିଞ୍ଛାପଲ୍ଲୀ ଓ ସୂର୍ଯ୍ୟ ନାରାୟଣପୁର ଆଦି ୧୬ ଠାକୁରଙ୍କୁ ଦୋଳ ବିମାନ ଯୋଗେ ବିରାଟ ପଟୁଆରରେ ଅଣାଯିବା ପରେ ରବିବାର ବଜାର ଯାତ୍ରା ଆରମ୍ଭ ହେବ। ଏଥିପାଇଁ ଏନ୍‌ଏସି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ସାନବଜାର ଠାରୁ ତ୍ରିବେଣୀ ମଠଛକ ଯାଏ ସମସ୍ତ ଠାକୁର ନିଜ ନିଜ ପିଣ୍ଡିରେ ବସିବା ପରେ ନାଟକ ଆରମ୍ଭ ହେବ।

# ମହିଳାଙ୍କୁ ହତ୍ୟା ଅଭିଯୋଗ

ଭଞ୍ଜନଗର,୭।୩(ଡି.ଏନ୍.ଏ.)

ଭଞ୍ଜନଗର ଥାନା ବାଲିଆପଟାର ବସୁମତି ନାୟକ (୨୮)ଙ୍କୁ ଶୁକ୍ରବାର ରାତିରେ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି। ନଂ.୯୭/୨୦ରେ ଏକ ହତ୍ୟା ମାମଲା ରୁଜୁକରି ସ୍ଵାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ତାର୍‌ସିଂ ଥାନା ବୁରପଲ୍ଲୀର ବସୁମତି ୧୨ ବର୍ଷ ପୂର୍ବେ ବାଲିଆପଟାର ସନ୍ୟାସୀଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ସନ୍ତାନ ଅଛନ୍ତି। ସନ୍ୟାସି ବସୁମତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ଦୁଇବର୍ଷ ପୂର୍ବେ ଥାନାରେ ବସୁମତି ଅଭିଯୋଗ ପରେ ଘଟଣାର ସମାଧାନ

### ସ୍ଵାମୀ ଅଟକ

ହୋଇଥିଲା। ଶୁକ୍ରବାର ରାତିରେ ବସୁମତି ମୃତ୍ୟୁବରଣ କରିଥିଲେ। କିନ୍ତୁ ସନ୍ୟାସି ଶନିବାର ସକାଳେ ଏନେଇ ଶଶୁର ଘରକୁ ସୂଚନା ଦେଇଥିଲେ। ବସୁମତିଙ୍କ ଭାଇ ଓ ମା’ ସକାଳେ ବାଲିଆପଟାରେ ପହଞ୍ଚିଥିଲେ। ବସୁମତି ରଶି ଲଗାଇ ଝୁଲି ରହିଥିବାବେଳେ ଗୋଡ଼ ଦୁଇଟି ତଳେ ଲାଗିଥିବା ଦେଖିଥିଲେ। ଏହାପରେ ବସୁମତିଙ୍କ ମା’ ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ ପାଇଁ ଝୁଲାଇ ଦିଆଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ଏଥିରେ ତାଙ୍କ ସ୍ଵାମୀ, ଶାଶୁ ଓ ଦିଅର ଜଡ଼ିତ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

# ସହର ସମସ୍ୟା ନେଇ ବିକାଶ ମଞ୍ଚର ବୈଠକ

ଆସିକା,୭।୩(ଡି.ଏନ୍.ଏ.)

ଆସିକା ଗଞ୍ଜାମ ଜିଲାର ଦ୍ଵିତୀୟ ବାଣିଜ୍ୟ କେନ୍ଦ୍ର ଓ ଏକ ଐତିହାସିକ ସହର ହୋଇଥିଲେ ମଧ ରାଜ୍ୟର ଅନ୍ୟ ସହର ଭଳି ଏହାର ବିକାଶ ହୋଇପାରୁନାହିଁ। ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଓ ସରକାରୀ ଉଦାସୀନତାରୁ ଏଭଳି ପରିସ୍ଥିତି ଲାଗି ରହିଥିବା ବୈଠକରେ ଆଲୋଚିତ ହୋଇଛି। ଶନିବାର ଅପରାହ୍ନରେ ସ୍ଥାନୀୟ ଓଡିଆ ସମାଜ ଗୃହଠାରେ ଆସିକା ବିକାଶ ମଞ୍ଚର ଏକ ବୈଠକରେ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ୟା ସମାଧାନ ନିମନ୍ତେ ସାଧାରଣରେ ସଚେତନତା ସୃଷ୍ଟି କରିବା ସହ ଜନସାଧାରଣଙ୍କ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ ନିମନ୍ତେ ଆଲୋଚନା କରାଯାଇଥିଲା। ପ୍ରଫୁଲ୍ଲ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଣିକ ସଂଘର ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର, ଓକିଲ ସଂଘ ସମ୍ପାଦକ ଛବିଳ ରାମ ମିଶ୍ର, ବଣିକ ସଂଘ ସଭାପତି ରାମରଞ୍ଜନ ଶର୍ମା, ଶିକ୍ଷକ ନେତା ଦେବହରି ମହାନ୍ତି ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟା ପ୍ରପୀଡିତ ଆସିକା ସହରକୁ ବନ୍ୟା ଓ ଜଳବନ୍ଦିରୁ ମୁକ୍ତ କରିବା ନିମନ୍ତେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା, ବିପର୍ଯ୍ୟସ୍ତ ସ୍ଵାସ୍ଥ୍ୟ ସେବାର ଉନ୍ନତି, ସବଡିଭିଜନ ପ୍ରତିଷ୍ଠା, ସହରାଞ୍ଚଳର ବନ୍ଦୋବସ୍ତ କାର୍ଯ୍ୟ ତୁରନ୍ତ ସାରିବା, ଲିଙ୍କ୍‌ରୋଡ ନିର୍ମାଣ, ପରିବହନ କାର୍ଯ୍ୟାଳୟ ପ୍ରତିଷ୍ଠା, ଓଏସ୍‌ଆର୍‌ଟିସି ଜୋନାଲ ଅଫିସ ପ୍ରତିଷ୍ଠା, ଗୋପାଳପୁରଠାରୁ ସମ୍ବଲପୁର ରେଳପଥ, ସହରାଞ୍ଚଳର ବିକାଶ ନିମନ୍ତେ ମାଷ୍ଟର ପ୍ଲାନ କରିବା ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।




ବିକାଶ ମଞ୍ଚ ବୈଠକରେ ମଞ୍ଚାସୀନ ଅତିଥି।

# ବୈଷ୍ଣବଦେବୀଙ୍କ ଯାତ୍ରାରେ ଫୁଲବାଣୀ ଡାକ୍ତରଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୭।୩

ବୈଷ୍ଣବଦେବୀଙ୍କ ଦର୍ଶନ ପାଇଁ ଯାଇଥିବା କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସର୍ଜରୀ ବିଶେଷଜ୍ଞ ଡାକ୍ତର ଶିଶିର କୁମାର ପ୍ରଧାନ। ତାଙ୍କ ଘର ବ୍ରହ୍ମପୁରରେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ୫ ତାରିଖରେ ବୈଷ୍ଣବଦେବୀଙ୍କର ଦର୍ଶନ ପାଇଁ ଡ. ପ୍ରଧାନ ସ୍ତ୍ରୀ ଓ ପୁଅଙ୍କ ସହ ଓଡ଼ିଶାରୁ ବାହାରିଥିଲେ। ଶୁକ୍ରବାର ଅପରାହ୍ନରେ ସେଠାରେ ପହଞ୍ଚିଥିଲେ। ଡା. ପ୍ରଧାନ ଏବଂ ତାଙ୍କ ପୁଅ ଏକ ଘୋଡ଼ା ଗାଡିରେ ଯାଉଥିବାବେଳେ ସ୍ତ୍ରୀଙ୍କୁ ହେଲିକପ୍ଟରରେ ପଠାଇଥିଲେ। ବାଟରେ ଯାଉଥିବାବେଳେ ହଠାତ୍ ଡା. ପ୍ରଧାନ ଘୋଡାଗାଡ଼ିରୁ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି।



PARADIP PORT TRUST
e-TENDER CALL NOTICE
Name of the work "Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD cost Rs.1,27,017/-. Last date and time of submission of Bid 25.03.2020 at 17.15Hrs. For details please refer our website https://eprocure.gov.in/eprocure/aap
Executive Engineer
Harbour Works Division-III
PPT/PR/702/19-20 Dt.06.03.2020

# ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ

ରାଇକିଆ,୭।୩(ଡ଼ି.ଏନ.ଏ)

ରାଇକିଆ ଆର୍‌ଏମ୍‌ସି ପରିସରରେ ଶୁକ୍ରବାର ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବିଜେଡ଼ି ଜିଲା ସଭାପତି ସରୋଜ କର୍ଣ୍ଣ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଯୋଗ ଦେଇ ବିଜୁ ବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କ ବିଚାରଧାରାକୁ ପାଥେୟ କରି ପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗେଇ ଚାଲିଥିବା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡ଼ି ସଂଖ୍ୟାଲଘୁ ସେଲ୍ ସଭାପତି ଜୟାନନ୍ଦ ନାୟକ, ସ୍ଵତନ୍ତ୍ର ବିକାଶ ପରିଷଦ ଅଧକ୍ଷ ରୋଦନ ମଲିକ, ଯୁବ ବିଜେଡ଼ି ସଭାପତି ପ୍ରଦୀପ ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ରାଜମୋହନ ଦିଗାଳ, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକରୁ ଏବଂ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧି, ଦଳୀୟ କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

# ୩,୮୪୩ ହିତାଧିକାରୀଙ୍କୁ ସହାୟତା

ଫୁଲବାଣୀ ଅଫିସ, ୭।୩

ସ୍ଥାନୀୟ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ ପରିସରରେ ଦାରିଦ୍ର୍ୟ ଦୂରୀକରଣ, ଅଣସଙ୍ଗଠିତ ଶ୍ରମିକ ମାନଙ୍କର ଅଧିକାର, ଆଦିବାସୀଙ୍କ ଅଧିକାରର ସୁରକ୍ଷା ନେଇ ବିଶାଳ ଆଇନ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ବିଭାଗ ତରଫରୁ ମୋଟ ୩୦ଟି ଷ୍ଟଲ ଖୋଲା ଯାଇଥିଲା। ସମସ୍ତ ଶ୍ରେଣୀର ହିତାଧିକାରୀମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବଶ୍ୟକୀୟ ଆଇନ ସହାୟତା ପ୍ରଦାନ କରାଯାଇଥିଲା। ଏହାପରେ ବିଭାଗମାନଙ୍କ ଦ୍ଵାରା ପ୍ରଦତ୍ତ ସହାୟତା ରାଶି ହିତାଧିକାରୀଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ। ଆଇନ ସହାୟତା ପାଇବା ପାଇଁ ଉକ୍ତ ଶିବିରରେ ୩,୮୪୩ ହିତାଧିକାରୀ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୭୬ ଜଣଙ୍କୁ



ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

### ଆଇନ ସେବା ଶିବିର

ଅତିଥିମାନଙ୍କ ଦ୍ଵାରା ଏବଂ ଅବଶିଷ୍ଟ ୩ ହଜାର ୭୬୭ ଜଣଙ୍କୁ ବିଭିନ୍ନ ବିଭାଗର ଷ୍ଟଲ୍‌ରେ ସହାୟତା ରାଶି ଓ ଅନ୍ୟାନ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ଏହି ଶିବିରରେ ଜିଲାର ୫,୨୦୦ ଜନ ସାଧାରଣ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧୀକରଣ କଟକଙ୍କ ତତ୍ତ୍ଵାବଧାନରେ ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଜିଲା ବିଚାରପତି ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ସାରଦା ପ୍ରସାଦ ନାୟକ, ଜିଲାପାଳ ଡା. ବୃନ୍ଦା ଡି., ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ୍ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲା ଭିଜିଲାନ୍ସ ଜଜ୍ ସତ୍ୟପୀର ମିଶ୍ର, ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ସନ୍ତୋଷ କୁମାର ନାୟକ, ପୋକ୍‌ସୋ ସ୍ଵତନ୍ତ୍ର ବିଚାରପତି ସମର ବିଳାସ ବେହେରା, କନ୍ଧମାଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରୀତା ଜ୍ୟୋତିଷି, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଉପ-ସଚିବ ଦୀପକ ରଞ୍ଜନ ସାହୁ, କନ୍ଧମାଳ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ଫୁଲବାଣୀ ସମନ୍ଵିତ ଜନଜାତି ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଫୁଲବାଣୀ ବାର୍ ଆସୋସିଏସନ୍‌ର ସଭାପତି ଅସୀମ କୁମାର ପ୍ରହରାଜ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ।

ପୂର୍ବ ତଟ ରେଳପଥ
(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19
କାର୍ଯ୍ୟର ବିବରଣୀ: ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ଵର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍‌ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19
କାର୍ଯ୍ୟର ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ଵର ଅଧୀନସ୍ଥ ଭୁବନେଶ୍ଵର-ରାଜଆଠଗଡ଼-ରେଢଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ୍)/ ଖୋର୍ଦ୍ଧା ରୋଡ଼
PR-766/K/19-20

## ସଂକ୍ଷେପରେ

### ଅପରାଧ ସମୀକ୍ଷା ବୈଠକ
## ପୁରୁଣା ମାମଲା ସମାଧାନ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

**ବ୍ରହ୍ମପୁର ଅଫିସ,୭।୩:** ବ୍ରହ୍ମପୁର ପୋଲିସ ଜିଲାର ସମସ୍ତ ଥାନାଧିକାରୀଙ୍କୁ ନେଇ ଶନିବାର ଏସ୍‌ପି ପିନାକ ମିଶ୍ର ଅପରାଧ ସମୀକ୍ଷା କରିଛନ୍ତି । ଜିଲା ପୋଲିସ କାର୍ଯ୍ୟାଳୟ ସିସିଟିଏନ୍‌ଏସ୍ ସମ୍ମିଳନୀ କକ୍ଷରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଜିଲାର ଅପରାଧ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ପ୍ରତି ଥାନାରେ ପଡ଼ି ରହିଥିବା ପୁରୁଣା ମାମଲାଗୁଡ଼ିକୁ ଯଥାଶୀଘ୍ର ତଦନ୍ତ କରି ସମାଧାନ କରିବାକୁ ଏସ୍‌ପି ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୁଣା ମାମଲାର ତଦନ୍ତ ସାରିବା ସହ ସେଗୁଡ଼ିକୁ ଅନୁଧ୍ୟାନ କରିବାକୁ ମଧ୍ୟ ସେ କହିଛନ୍ତି। ମୋ ସରକାର ସମ୍ପର୍କରେ ଏସ୍‌ପି ମିଶ୍ର ଥାନାଧିକାରୀମାନଙ୍କୁ ବୁଝାଇଥିଲେ। ଜନସାଧାରଣ ଯେପରି ନ୍ୟାୟ ପାଇପାରିବେ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ଥାନାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଥାନା ରେଜିଷ୍ଟର ଠିକ୍ ରଖିବାକୁ ମଧ୍ୟ କୁହାଯାଇଛି। ସାଧାରଣ ଜନତା ଓ ମହିଳାଙ୍କୁ ସୁରକ୍ଷା ଦେବା ସହ ଅପରାଧୀଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ମଧ୍ୟ ସେ କହିଛନ୍ତି । ଅଧିକରୁ ଅଧିକ ମାମଲାରେ ଦୋଷୀ କିଭଳି ଦଣ୍ଡ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଥାନାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ମହିଳା ଓ ଶିଶୁ ସମ୍ପର୍କିତ ମାମଲାଗୁଡ଼ିକୁ ଅଗ୍ରାଧିକାର ଦେଇ ଯଥାଶୀଘ୍ର ସମାଧାନ କରିବାକୁ କୁହାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## କଳା, ବାଣିଜ୍ୟ ଇଂଲିଶ ପରୀକ୍ଷାରେ ୫ ମାଲପ୍ରାକ୍ଟିସ୍

**ବ୍ରହ୍ମପୁର ଅଫିସ, ୭।୩:** ଯୁକ୍ତ ୨ ପରୀକ୍ଷାର ଶନିବାର ଚତୁର୍ଥ ଦିନ ଥିଲା। ଏଥିରେ କଳା ଓ ବାଣିଜ୍ୟ ବିଭାଗ ଇଂଲିଶ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଦକ୍ଷିଣାଞ୍ଚଳ ଅଧୀନସ୍ଥ ୮ ଜିଲାର ବିଭିନ୍ନ କେନ୍ଦ୍ରରେ ୫ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍ ହୋଇଥିବା ସୂଚନା ମିଳିଛି।

ସେଥିମଧ୍ୟରେ ଗଞ୍ଜାମ ଜିଲାର ଦୁଇଟି ପରୀକ୍ଷା କେନ୍ଦ୍ରରେ ୩ ପରୀକ୍ଷାର୍ଥୀ ଧରାପଡି ଥିବା ଜଣାପଡିଛି। ବୁଗୁଡ଼ା ବଳଦେବ ଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ପରୀକ୍ଷାର୍ଥୀ ପରସ୍ପର ମଧ୍ୟରେ ପ୍ରଶ୍ନପତ୍ର ଅଦଳବଦଳ ଅଭିଯୋଗରେ ଜୋନାଲ ସ୍କ୍ୱାଡ୍ ଦ୍ୱାରା ଧରାପଡିଛନ୍ତି। ସେହିପରି କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଋଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଓ ଖଜୁରୀପଡ଼ାସ୍ଥିତ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଡିଏଲସି ସ୍କ୍ୱାଡ୍ ହାତରେ ଧରା ପଡ଼ିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ.କୁଳମଣି ଓଝା ସୂଚାଇଛନ୍ତି।

## ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୭।୩ :** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ରାଜନୀତି ବିଜ୍ଞାନ ବିଭାଗର ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଆସାମ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ପଞ୍ଚାନନ ଚଟ୍ଟୋପାଧ୍ୟାୟ ଯୋଗଦେଇ "୭୦ ବର୍ଷର ଭାରତର ଗଣତନ୍ତ୍ର ଦର୍ଶନ ଓ ଦୃଷ୍ଟିକୋଣ ବିଷୟରେ" ଆଲୋଚନା କରି କହିଥିଲେ, ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ଏହି ଉକ୍ତି ଭାରତୀୟ ଗଣତନ୍ତ୍ରକୁ ଆଜି ମଧ୍ୟ ଜୀବନ୍ତ କରି ରଖିଛି। ଭାରତ ବର୍ଷ ଗୋଟିଏ ରାଷ୍ଟ୍ର ନୁହେଁ, ବହୁ ରାଷ୍ଟ୍ରର ସମାହାର । ଇୟୁରୋପରେ ଗୋଟିଏ ଭାଷା, ଗୋଟିଏ ସଂସ୍କୃତି,ଗୋଟିଏ ପ୍ରକାର ପରିଧାନ କିନ୍ତୁ ଆମ ଦେଶରେ ପାଖାପାଖି୧୫୦୦ ରୁ ଊର୍ଦ୍ଧ୍ୱ ଭାଷା ରହିଛି। ସେହିପରି ବିଶ୍ୱର କୌଣସି ଧର୍ମ ନାହିଁ ଯାହା ଭାରତବର୍ଷରେ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଫେସର ଅମିୟ କୁମାର ପରିଛା କହିଥିଲେ, ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତ ଅନ୍ୟଦେଶଠାରୁ ଭିନ୍ନ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଅରୁନ୍ଧତୀ ରଥ କହିଥିଲେ, ଗଣତନ୍ତ୍ର ଭାରତ ବର୍ଷରେ ଏହି ଦୃଷ୍ଟି କୋଣରୁ ସଫଳ ହୋଇଛି ଓ ଗଣତନ୍ତ୍ରର ବିଧିବ୍ୟବସ୍ଥା ଭିତରେ ରହିଛୁ ବୋଲି କହିଥିଲେ।

# ଦେଶ ପ୍ରଗତିରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର ଅଫିସ,୭।୩

ଶ୍ରମିକମାନେ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଦେଶ ପ୍ରଗତିରେ ଶ୍ରମିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦେଶର ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ଶ୍ରମିକ ଶ୍ରେଣୀ ଲୋକେ ରହିଛନ୍ତି। ଓଡିଶାର ୯୨ ପ୍ରତିଶତ ଶ୍ରମିକ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ନିର୍ମାଣ ଶ୍ରମିକଙ୍କ ବିକାଶ ପାଇଁ ରାଜ୍ୟ ସରକାର ଭିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏଥିସହ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ବିକାଶ ପାଇଁ ଓଡିଶା କୋଠାବାଡି ଏବଂ ଶ୍ରମିକ କଲ୍ୟାଣ ବୋର୍ଡ ଗଠନ କରାଯିବା ସହ କୋଠାବାଡି ଓ ନିର୍ମାଣ ଶ୍ରମିକ କଲ୍ୟାଣ ସେସ୍ ଆଇନ ପ୍ରଣୟନ କରାଯାଇଛି। ଏହି କ୍ରମରେ ଶ୍ରମିକଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନାରେ ଭିନ୍ନ ଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଉଥିବା ନେଇ ଶନିବାର ହିଲ୍‌ପାଟଣା ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ଆୟୋଜିତ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ଦିବସ ସମାରୋହ ଉତ୍ସବରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ବ୍ରହ୍ମପୁର ଓ ଗଞ୍ଜାମ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସମାରୋହରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲାଇ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର ଯୁଗ୍ମ ଶ୍ରମ କମିଶନର କିଶଳୟ ଶତପଥୀ, ବ୍ରହ୍ମପୁର ଜିଲା ଶ୍ରମ ଅଧିକାରୀ କେ. ବେଣୁ ଗୋପାଳ ରାଓ, ଛତ୍ରପୁର ଜିଲା ଶ୍ରମ ଅଧିକାରୀ ଶିବନାରାୟଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ଓ ଛତ୍ରପୁର ଶ୍ରମ ବିଭାଗ ଅଧୀନରେ ମୋଟ ୨ ଲକ୍ଷ ୧୦ ହଜାର ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଥିବା ବେଳେ ୧ ଲକ୍ଷ ୧୫ ହଜାର ଲୋକଙ୍କୁ ବିଭିନ୍ନ ସହାୟତା ରାଶି ପ୍ରଦାନ କରାଯାଇଥିବା ବ୍ରହ୍ମପୁର ଯୁଗ୍ମ ଶ୍ରମ କମିଶନର ଶତପଥୀ ସୂଚାଇଥିଲେ। ଦିବସ ପାଳନ ଅବସରରେ ବ୍ରହ୍ମପୁର ଓ ଛତ୍ରପୁରରେ ଥିବା ଜିଲା ଶ୍ରମ ବିଭାଗ ଅଧୀନରେ ୨୯୩୧ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବାବଦରେ ୮ କୋଟି ୧୯ ଲକ୍ଷ ୮୧ ହଜାର ଟଙ୍କା ବଣ୍ଟନ କରାଯାଇଥିଲା। ସେଥିମଧ୍ୟରେ ୮୦୦ ଜଣଙ୍କୁ ଶିକ୍ଷାଗତ ସହାୟତା ରାଶି ୩୨ ଲକ୍ଷ ୮୦ ହଜାର, ୩୧୬ ଜଣଙ୍କୁ ମୃତ୍ୟୁଜନିତ ସହାୟତା ୩ କୋଟି ୮୮ ଲକ୍ଷ, ୩୧୬ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୧୫ ଲକ୍ଷ ୮୦ ହଜାର, ୧୩୦୮ ଜଣଙ୍କୁ ବିବାହ ନିମନ୍ତେ ସହାୟତା ବାବଦରେ ୩ କୋଟି ୬୪ ଲକ୍ଷ ୨୫ ହଜାର, ୧୯୧ ଜଣଙ୍କୁ ୧୮ ଲକ୍ଷ ୯୬ ହଜାର ପ୍ରସୂତି କାଳୀନ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ବାବୁଚରଣ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ସମେତ ବ୍ରହ୍ମପୁର ଓ ଛତ୍ରପୁର ଜିଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ**


ଅତିଥିମାନେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୮।୩।୨୦୨୦(ରବିବାର)**
- ତାଲୁକା ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସଭା। ସ୍ଥାନ- ଦିଗପହଣ୍ଡି କୋର୍ଟ ପରିସର, ସମୟ- ପୂର୍ବାହ୍ନ ୧୧ଟା।
- ମହିଳାଙ୍କ ଅଧିକାର ଓ ନାଗରିକତା ଆଲୋଚନା ଚକ୍ର। ସ୍ଥାନ-ପ୍ରକାଶମ ହଲ୍, ସମୟ-ପୂର୍ବାହ୍ନ ୧୦ଟା।
- ମାଗଣା ସ୍ୱାସ୍ଥ୍ୟ ଶିବିର। ସ୍ଥାନ- ଆର୍ଯ୍ୟବୈଶ୍ୟ କଲ୍ୟାଣ ମଣ୍ଡପ, ପ୍ରେମନଗର ୨ୟ ଗଳି, ସମୟ-ସକାଳ ୬ଟା ୩୦ ମିନିଟ୍।
- ଗଞ୍ଜାମ ଜିଲା ହ୍ୟାଣ୍ଡବଲ ଆସୋସିଏଶନର ନିର୍ବାଚନ। ସ୍ଥାନ-ସର୍କିଟ ହାଉସ୍, ସମୟ- ଅପରାହ୍ନ ୧୨ଟା ୩୦ ମିନିଟ୍।
- ଅଙ୍ଗଦାନ ନିମନ୍ତେ ମିନି ମାରାଥନ। ସ୍ଥାନ- ବିନାୟକ ଆଚାର୍ଯ୍ୟ କଲେଜ ପରିସର, ସମୟ-ସକାଳ ୭ଟା।
- ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ, ହିଲପାଟଣା, ସମୟ-ସନ୍ଧ୍ୟା ୬ଟା ୩୦ ମିନିଟ୍।
- ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ। ସ୍ଥାନ-ଉତ୍କଳ ଆଶ୍ରମ ପରିସର, ସମୟ- ସନ୍ଧ୍ୟା ୬ଟା ୩୦ ମିନିଟ୍।
- ସଖୀ ଓ ଆଦର୍ଶ ମହିଳା ସଂଗଠନର ମହିଳା ସମ୍ମିଳନୀ। ସ୍ଥାନ-ଏମ୍‌କେସିଜି ମେଡିକାଲ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୪ଟା।
- ତୃତୀୟ ଦକ୍ଷିଣ ଓଡିଶା ଥାଇରଏଡ ସମ୍ମିଳନୀ। ସ୍ଥାନ-ଆଇଏମ୍‌ଏ ହଲ୍ ବ୍ରହ୍ମପୁର, ସମୟ-ସକାଳ ୯ଟା।
- କିଶୋରୀ ଶକ୍ତି କାର୍ଯ୍ୟକ୍ରମ। ସ୍ଥାନ-ପୁରୁଣା ବ୍ରହ୍ମପୁର ସାହି, ସମୟ- ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ଅନ୍ତର୍ଜାତୀୟ ମହିଳା ଦିବସ। ସ୍ଥାନ- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ-ସକାଳ ୭ଟା।

**୯।୩।୨୦୨୦ (ସୋମବାର)**
- ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ପକ୍ଷରୁ ପରିବାର ନିୟୋଜନ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ମା' ବାଙ୍କେଶ୍ୱରୀଙ୍କ ବାର୍ଷିକ ଯାତ୍ରା ମହୋତ୍ସବ। ସ୍ଥାନ- ବଡ଼ଡୁମୁଳା ଗ୍ରାମ, ସମୟ- ଭୋର ୪ଟା।

**୧୧।୩।୨୦୨୦ (ବୁଧବାର)**
- ଦିଗପହଣ୍ଡି ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟାର ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୧ଟା।
- ଅଙ୍ଗନୱାଡ଼ି କର୍ମୀଙ୍କୁ ଶିଶୁ ଶିକ୍ଷା ଓ ସୁରକ୍ଷା ସମ୍ବନ୍ଧିତ ତାଲିମ ଶିବିର। ସ୍ଥାନ- ରାଜମାତା ପ୍ରାଥମିକ ବିଦ୍ୟାଳୟ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।

**୧୨।୩।୨୦୨୦ (ଗୁରୁବାର)**
- ବ୍ଲକସ୍ତରୀୟ ନିଯୁକ୍ତି ମେଳା। ସ୍ଥାନ- ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ୧୦ଟା।

**୧୩।୩।୨୦୨୦ (ଶୁକ୍ରବାର)**
- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ପାଇଁ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା।


ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି ।

## ରାମେଶ୍ୱର ସ୍ପୋର୍ଟିଂ, ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଯୁଗ୍ମ ବିଜେତା

ବ୍ରହ୍ମପୁର ଅଫିସ,୭।୩

**ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଖଲ୍ଲିକୋଟ କଲେଜ ଖେଳପଡିଆରେ ଚାଲିଥିବା ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଓ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ରାମେଶ୍ୱର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୩୦.୩ ଓଭରରେ ୪ ଉଇକେଟ ହରାଇ ୧୮୮ ରନ କରିଥିଲା। ବର୍ଷା ଯୋଗୁ ଦ୍ୱିତୀୟ ଇନିଂସ୍ ମ୍ୟାଚ ହୋଇପାରି ନ ଥିଲା। ଫଳରେ ଆୟୋଜକ କମିଟି ଅଧ୍ୟକ୍ଷ ଦୀପକ ମଙ୍ଗରାଜଙ୍କ ନିଷ୍ପତ୍ତି କ୍ରମେ ଉଭୟ ଦଳକୁ ଯୁଗ୍ମ ବିଜେତା ଭାବେ ଘୋଷଣା କରାଯାଇଥିଲା। ଟୁର୍ନାମେଣ୍ଟରେ ରୋହିତ ସାଗରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପିଣ୍ଟୁ ମହାରଣା ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ୍, ସମୀର ସାହୁ ଶ୍ରେଷ୍ଠ ବୋଲର ଭାବେ ବିବେଚିତ ହୋଇଥିଲେ। ଏହି ଅବସରରେ ଚଳିତ ବର୍ଷ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିରେ ଗଞ୍ଜାମ ଜିଲା ପକ୍ଷରୁ ଓଡିଶା ଦଳରେ ଭାଗ ନେଇଥିବା ସମୀର ସାହୁ, ଜେ. ଈଶ୍ୱର ପ୍ରସାଦ, ତୁଫାନ ଗୌଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟାର ଭାବେ ପ୍ରସନ୍ନ କୁମାର ପାଢୀ ଓ ସୁଶାନ୍ତ କୁମାର ପଣ୍ଡା ଏବଂ ସ୍କୋରର ଅମ୍ବିକା ପ୍ରସାଦ ଓ ରୋହନ ମଣ୍ଡଳ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ବିଜେଡି ଜିଲା ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ବିଜେଡି ଯୁବ ସଭାପତି ମୁକୁନ୍ଦ ଗୌଡ, ବିଜେଡି ଯୁବ ଉପସଭାପତି ମୁରଲୀ ମୋହନ, ପୂର୍ବତନ ଓଡିଶା ରଣଜୀ ଖେଳାଳି ଦୀପକ ମଙ୍ଗରାଜ, ଆଲ୍‌ଫା ସ୍ପୋର୍ଟିଂ କ୍ଲବ ସାଧାରଣ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ଚ୍ୟାଉ ପଟ୍ଟନାୟକ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ
## ମଉଳିଗଲା ରାଜ୍ୟ ସଭା ଆଶା

ବ୍ରହ୍ମପୁର ଅଫିସ,୭।୩

ବିଜେଡି ରାଜ୍ୟ ସଭା ଟିକେଟରୁ ବଞ୍ଚିତ ହେଲେ ପୂର୍ବତନ ବ୍ରହ୍ମପୁର ବିଧାୟକ ତଥା ଦଳର ଗଞ୍ଜାମ ଜିଲା ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେବା ସହ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ଦେଇ ସନ୍ତୁଷ୍ଟ କରିଛନ୍ତି। ଚ୍ୟାଉ ପଟ୍ଟନାୟକ ଆଗାମୀ ଦିନରେ ରାଜ୍ୟସଭାକୁ ଯିବା ଆଶା ରଖିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ବିଳମ୍ବରେ ହେଲେ ମଧ୍ୟ ପୂରଣ କରିବାର ସେ ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ବିଧାନସଭା ଆସନରୁ ଚ୍ୟାଉ ପଟ୍ଟନାୟକ ପ୍ରଥମେ ୧୯୯୫ରେ ତତ୍କାଳୀନ ଜନତା ଦଳ ଏବଂ ୨୦୦୦ରୁ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ବିଜେଡିରୁ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ଟିକେଟ ପାଇ ନ ଥିଲେ। ୫ ଥର ବିଧାୟକ ହୋଇଥିବା ରମେଶଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯିବାର ମୁଖ୍ୟମନ୍ତ୍ରୀ ସେତେବେଳେ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଗତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ପ୍ରତିକ୍ରିୟାରେ ଚ୍ୟାଉ ପଟ୍ଟନାୟକ କହିଛନ୍ତି, ମୁଁ ଦଳର ଶୃଙ୍ଖଳିତ କର୍ମୀ । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ନିଷ୍ଠାର ସହିତ ତୁଲାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କରିଥିବାରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର କରୋନା ସଚେତନତା

ବ୍ରହ୍ମପୁର ଅଫିସ, ୭।୩

ବିଜିପୁର ମୁଖ୍ୟ ରାସ୍ତାସ୍ଥିତ ରେଳ ଷ୍ଟେଶନ ସମ୍ମୁଖରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ କରୋନା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଯାତ୍ରୀମାନେ କିଭଳି କରୋନା ଭାଇରସ୍‌ରୁ ନିଜକୁ ରକ୍ଷା କରିବେ ସେ ନେଇ ଅବଗତ କରାଇବା ସହ ହାତ ଧୋଇବା, ବାସଗୃହ ପରିଷ୍କାର ଓ ସ୍ୱଚ୍ଛ ରଖିବା, କରମର୍ଦ୍ଦନ ନ କରିବାକୁ ଯାତ୍ରୀଙ୍କୁ ସଚେତନ କରାଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସରିତା ପଣ୍ଡା, ରବୀନ୍ଦ୍ର ନାଥ ସ୍ୱାଇଁ, ପ୍ରମୋଦ କୁମାର ସାହୁ, ବୃନ୍ଦାବନ ଖଟେଇ ଓ କାଶୀନାଥ ପାତ୍ର ପ୍ରମୁଖ ପ୍ରଚାରପତ୍ର ବଣ୍ଟନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଆରପିଏଫ ଇନ୍ସପେକ୍ଟର ଦିଲ୍ଲୀପ କୁମାର, କନଷ୍ଟେବଳ ପ୍ରମୋଦ କୁମାର ପାଢ଼ୀ ଓ ଜିଆରପି ସହଯୋଗ କରିଥିଲେ ।

## ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଆଲୋଚନାଚକ୍ର

ବ୍ରହ୍ମପୁର, ୭।୩

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଶୁକ୍ରବାର ଗଣତାନ୍ତ୍ରିକ ମହିଳା ସମିତି ଗଞ୍ଜାମ ଜିଲା କମିଟି ତରଫରୁ ସ୍ଥାନୀୟ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଯେଉଁ ଭଳି ଭାବେ ମହିଳାଙ୍କ ଉପରେ ନିର୍ଯାତନା ବଢିଚାଲିଛି ତାହା ସାମାଜ ପାଇଁ ଶୁଭଙ୍କର ନୁହେଁ। ଏହା ଉପରେ ରୋକ୍‌ଲାଗିବା ଦରକାର ବୋଲି ଅତିଥିମାନେ ମତ ଦେଇଥିଲେ। ଏହା ଆରମ୍ଭ ପୂର୍ବରୁ ଓଡିଶାର ପ୍ରଥମ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହା ପରେ ସଂଗଠନ ଜିଲା ସଭାପତି ଜୟନ୍ତୀ ବାଳା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନ ରାଜ୍ୟ ଉପସଭାପତି ପୁଷ୍ପା ଦାଶ କହିଥିଲେ, ମୋଦି ସରକାର ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ଦରକାର ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦିକା ବିଷ୍ଣୁପ୍ରିୟା ସାହୁ, ଉପସଭାନେତ୍ରୀ ଉର୍ମିଳା ଜେନା, ଗାୟତ୍ରୀ ପଣ୍ଡା, ପ୍ରତିଭା ବ୍ରହ୍ମା, ଗାୟତ୍ରୀ ଗୌଡ, ମିନତି ସ୍ୱାଇଁ, ରଞ୍ଜୁବାଳା ସାହୁ ଓ ଅନସୂୟା ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ପରିବେଶ ସୁରକ୍ଷା ପାଇଁ ସାଇକେଲ ଶୋଭାଯାତ୍ରା

ବ୍ରହ୍ମପୁର ଅଫିସ,୭।୩

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ପାଳନ ଅବସରରେ ବ୍ରହ୍ମପୁର ସ୍କେଟିଂ ଏକାଡେମୀ ପକ୍ଷରୁ ପରିବେଶ ସୁରକ୍ଷା ଦିଗରେ ସଚେତନତା ନେଇ ଏକ ସାଇକେଲ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କାହ୍ନୁ ଚରଣ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ଫାଷ୍ଟ ଗେଟରୁ ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଏମ୍‌କେସିଜି ମେଡିକାଲ ଛକ ଦେଇ ଗଜପତି ନଗରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସ୍କେଟିଂ ଏକାଡେମୀ ଛାତ୍ରୀଛାତ୍ରମାନେ ରାସ୍ତାରେ ସ୍କେଟିଂ ଶୋ ପରିବେଷଣ କରିବା ସହ ପରିବେଶ ସୁରକ୍ଷା, ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ, ସହରକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡି ଜିଲା ସଭାନେତ୍ରୀ ସଂଘମିତ୍ରା ଦଳେଇ, ବ୍ରହ୍ମପୁର ସ୍କେଟିଂ ଏକାଡେମୀ କୋଚ ବିଭୂତି ଭୂଷଣ ଜେନାଙ୍କ ସମେତ ବନମାଳୀ ସେଠୀ, ନିରଞ୍ଜନ ଜେନା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ,ପାର୍ବତୀ ପ୍ରଧାନ, କୈଳାସ ବିଷୋୟୀ, ମଦନ ଦଳେଇ, ନରସିଂହ ସାହୁ, ଦୁର୍ଗା ପଣ୍ଡା, ପ୍ରଦୀପ ବେହେରା, ଟି. ଗୋପୀ, ବିଜୟ ସାମଲ, ସୀମାଞ୍ଚଳ ପଟ୍ଟନାୟକ, ଅଜିତ ପଣ୍ଡା, ଶୂନ୍ୟ ଦାଶ ଓ ସଞ୍ଜୟ ଜେନାଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମୀ ସାମିଲ ହୋଇଥିଲେ।


ଶୋଭାଯାତ୍ରାରେ ସାମିଲ ସ୍କେଟିଂ ଏକାଡେମୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବ୍ରହ୍ମପୁର ଅଫିସ, ୭।୩

ନାରୀ ସୃଷ୍ଟିକାରିଣୀ, ବିନାଶକାରିଣୀ, ପାଳନକାରିଣୀ। ସେ ସର୍ବଂସହା ଧରିତ୍ରୀଟିଏ। ଯିଏ ନିଜ ସ୍ନେହ, ମମତାର ପଣତରେ ବାନ୍ଧି ରଖିଥାଏ। ନାରୀ ଦେବୀ। ମହିଳାଙ୍କ ଉନ୍ନତିରେ ଦେଶର ବିକାଶ ସମ୍ଭବ। ଜଣେ ମହିଳା ମା', ଭଉଣୀ, ଝିଅ, ସ୍ତ୍ରୀର ଭୂମିକା ନିର୍ବାହ କରିଥାଏ। କୌଣସି ନା କୌଣସି ରୂପରେ ନିଜ ପରିବାରକୁ ସଜାଡ଼ିବାର କ୍ଷମତା କେବଳ ନାରୀ ପାଖରେ ହିଁ ରହିଥାଏ। କୁହାଯାଏ ନାରୀ ପାଇଁ ହିଁ ସବୁକିଛି ହୋଇଥାଏ। ରାମାୟଣରେ ରାମ–ରାବଣ ଯୁଦ୍ଧ ହେଉ କି ମହାଭାରତରେ କୌରବ–ପାଣ୍ଡବମାନଙ୍କ ମଧ୍ୟରେ ଲଢ଼େଇ ହେଉ କିମ୍ବା କଂସ ଓ କୃଷ୍ଣଙ୍କ ଶତ୍ରୁତା ହେଉ। ଏସବୁ କେବଳ ନାରୀ ପାଇଁ ହେଉଛି। ଜଣେ ଶିକ୍ଷିତା, ବୁଦ୍ଧିମତୀ, ସଂସ୍କାରୀ ନାରୀ ଚାହିଁଲେ ଅସଜଡ଼ା ପରିବାରକୁ ସଜାଡ଼ି ପାରିବ ଆଉ ସେ ଚାହିଁଲେ ସ୍ୱର୍ଗ ପରି ଗୃହକୁ ମଧ୍ୟ କିଛି ସମୟ ମଧ୍ୟରେ ନର୍କରେ ପରିଣତ କରିପାରିବ। ସମାଜକୁ ମହିଳାଙ୍କ ଅବଦାନ ପାଇଁ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ। ପ୍ରାଚୀନ କାଳରେ ବହୁ ମହୀୟସୀ ମହିଳା ଅଛନ୍ତି ଯେଉଁମାନଙ୍କ ନାମ ଆଜି ଇତିହାସରେ ଲିପିବଦ୍ଧ ହୋଇ ରହିଛି। ଆମ ସମାଜ ହେଉଛି ପୁରୁଷକେନ୍ଦ୍ରିକ। ଏଠାରେ ଆଜି ବି ନାରୀ ନିର୍ଯାତିତା ଓ ପ୍ରତାରିତା। ସେହି ସମାଜରେ ନାରୀମାନଙ୍କୁ ସ୍ୱାଧୀନତା, ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରି ପୁରୁଷଙ୍କ ସମକକ୍ଷ କରାଇ ଦେଶ ଉନ୍ନତିରେ ସହଯୋଗ କରିବାକୁ ସଚେତନ ଓ ଆହ୍ୱାନ ଦେବା ଦିବସର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେବା ଆବଶ୍ୟକ। ପୁରୁଷ ଓ ନାରୀ ପରସ୍ପର ପରିପୂରକ। ଏକ ସୁସ୍ଥ ଓ ନିରାମୟ ସମାଜ ଗଠନରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ନାରୀଙ୍କୁ ଅବଳା କି ଦୁର୍ବଳା ଭାବିବା ଠିକ୍ ନୁହେଁ। ସେ ନାରାୟଣୀ, ଦୁର୍ଗା, କାଳୀ, ସାବିତ୍ରୀଙ୍କ ସହ ସମାନ। ପ୍ରତିଟି ନାରୀଙ୍କୁ ପୂଜା କରିବା ଅର୍ଥାତ ସେମାନଙ୍କୁ ସମ୍ମାନ ଦେବା ଆମମାନଙ୍କର କର୍ତ୍ତବ୍ୟ।


" ଘର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନ ରହି ପରିବାର, ସମାଜ, ରାଜ୍ୟ ତଥା ବିଶ୍ୱର ପ୍ରଗତି ପାଇଁ ମହିଳାମାନେ ଆଗେଇ ଆସିଲେ ଏକ ସୁସ୍ଥ ମାନବ ସମାଜ ଓ ସୁସ୍ଥ ବ୍ରହ୍ମାଣ୍ଡ ଗଠନର ସ୍ୱପ୍ନ ସାକାର ହୋଇପାରିବ।

**ରଞ୍ଜନା ମିଶ୍ର, ଇନରହ୍ୱିଲ କ୍ଲବ ସମ୍ପାଦିକା**


" ନାରୀ ଓ ପୁରୁଷ ଉଭୟ ସମାଜର ଅଭିନ୍ନ ଅଙ୍ଗ। ଦେଶ ବିକାଶ ପାଇଁ ନାରୀର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ନାରୀଙ୍କୁ ସମ୍ମାନ ଦେବା ଉଚିତ୍। ସେମାନଙ୍କୁ ଅତ୍ୟାଚାର ନ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସହଯୋଗ କରିବା ଆବଶ୍ୟକ।

**ରାଜଲକ୍ଷ୍ମୀ ରାଉଳ, ଗୃହିଣୀ**


" ସଶକ୍ତ ମହିଳା ହିଁ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚିବା ଆବଶ୍ୟକ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଚେତନ କରିବା ସହ ମହିଳାମାନେ ଏହି ଯୋଜନାଗୁଡ଼ିକୁ ଆପଣେଇ ନିଜ ସହ ସମାଜର ବିକାଶ କରିବା ଉଚିତ।

**–ବବିତା ପାତ୍ର, ରାଜ୍ୟ ଭାଜପା ମହିଳା ସଭାନେତ୍ରୀ**


" ପ୍ରତି କ୍ଷେତ୍ରରେ ନାରୀମାନେ ନିଜକୁ ସାମିଲ କରି ଦେଶ ଓ ରାଜ୍ୟ ବିକାଶରେ ସାମିଲ ହେବା ଉଚିତ। ପୁରୁଷ ଓ ନାରୀ ଉଭୟେ ସମାନ । ନାରୀ ପୁରୁଷ ସହ ସମକକ୍ଷ ହୋଇ କାମ କରିପାରିବ। ହେଲେ ନାରୀମାନେ ଯେଉଁଭଳି ଆଜି ଅନ୍ୟାୟର ଶିକାର ହେଉଛନ୍ତି ସେଥିପାଇଁ ନିଜେ ହିଁ ନିଜକୁ ରକ୍ଷା କରିବା ଉଚିତ ।

**–ସୋନାଲି ପ୍ରଧାନ, ଗୃହିଣୀ**

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଶେରଗଡ଼,୭।୩(ଡି.ଏନ୍.ଏ.)- ଶେରଗଡ଼ ନିକଟସ୍ଥ ତାକରଡା ଭୁଷୁଣ୍ଡା କେନାଲ ରାସ୍ତାରେ ଶନିବାର ରାତି ପ୍ରାୟ ୭.୩୦ରେ ପୋଢକୁ ଧକ୍କାଦେଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାଞ୍ଜିଆପଲି ଗ୍ରାମର ସନ୍ତୋଷ ସ୍ୱାଇଁ (୨୪)। ପ୍ରକାଶ ଯେ, ସନ୍ତୋଷ ବାଇକ ଯୋଗେ ଭୁଷୁଣ୍ଡା ଛକ ତାକରଡ଼ା ଗ୍ରାମ ପଟେ ଯାଉଥିଲା। ଆଗରେ ପ୍ରସନ୍ନ ନିଜ ଦୁଇଟି ପୋଢ଼ ଧରି ଯାଉଥିଲା। ଭାରସାମ୍ୟ ହରାଇ ସନ୍ତୋଷଙ୍କ ବାଇକ ପ୍ରସନ୍ନ ଓ ଏକ ପୋଢକୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସନ୍ତୋଷ ଓ ପ୍ରସନ୍ନକୁ ଶେରଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଶେରଗଡ଼ ପୋଲିସ ନଂ.୨୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ରବିବାର ସନ୍ତୋଷଙ୍କର ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ରାତିରେ ମୃତ୍ୟୁଖବର ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଭଗବାନପୁରରେ ୧୦ ବଖରା ଜଳିଗଲା

ବୁଗୁଡ଼ା,୭।୩(ଡି.ଏନ.ଏ.)-ବୁଗୁଡ଼ା ଥାନା ଭଗବାନପୁର ଗ୍ରାମରେ ଶୁକ୍ରବାର ମଧରାତିରେ ଅଗ୍ନିକାଣ୍ଡ ଘଟି ୮ ପରିବାରଙ୍କ ୧୦ ବଖରା ଜଳିଯାଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ଘରେ ଥିବା ଧାନ, ଚାଉଳ ଓ ବିଭିନ୍ନ ଆସବାବପତ୍ର ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିଲା। ଖବର ପାଇ ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ପ୍ରକାଶ ଯେ, ଉକ୍ତ ଗ୍ରାମର ବାରିପଟେ ଏକ ଅଳିଆ ଗଦାରେ ଲାଗିଥିବା ନିଆଁ କୌଣସି କାରଣରୁ ଲୋକେ ଶୋଇଥିବା ଅବସ୍ଥାରେ ଚାଳଘରେ ଲାଗିଯାଇଥିଲା। ଫଳରେ ଗ୍ରାମର ସନ୍ନ୍ୟାସୀ ନାୟକ ଓ ସୁରୀ ନାୟକଙ୍କ ୨ ବଖରା ଲେଖାଏ ପୋଡ଼ିଥିବା ବେଳେ ରବୀନ୍ଦ୍ର ନାୟକ, ଜୟ ନାୟକ, ଗୋପାଳ ନାୟକ, ଅନୁସୂୟା ନାୟକ, ବାଞ୍ଛା ଗୌଡ଼, ଖଦାଳ ଗୌଡ଼ଙ୍କର ଗୋଟିଏ ଲେଖାଏ ଘର ପୋଡ଼ି ଯାଇଥିଲା। ଶନିବାର ତହସିଲ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରକୁ ପାଲ ଦିଆଯାଇଥିବା ବେଳେ ଅନ୍ୟାନ୍ୟ ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ

### ବହୁ ପରିମାଣର ଚୋରା ମଦ ଜବତ

ଖଲ୍ଲିକୋଟ,୭।୩(ଡି.ଏନ.ଏ.)-ଖଲ୍ଲିକୋଟ ବ୍ଲକ କଦଳୀବସନ୍ତ ଓ କେନ୍ଦୁପାଟ ଗ୍ରାମର ଶତାଧିକ ମହିଳା ଶନିବାର ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରି ସ୍ଥାନୀୟ ପୋଲିସକୁ ଦେଇଛନ୍ତି। ଉକ୍ତ ଗ୍ରାମ ରାସ୍ତାରେ ଦୀର୍ଘଦିନ ହେବ ଚୋରା ମଦ କାରବାର ଚାଲୁଥିଲା। ଅଭିଯୋଗ କଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିଲା। ଫଳରେ ଏହି ମହିଳା ଗୋଷ୍ଠୀ ଚୋରାମଦ ଜବତ କରି ଉକ୍ତ ରାସ୍ତାକୁ କିଛି ସମୟ ଧରି ଅବରୋଧ କରିଥିଲେ। ବଧୂନୂଆପଲ୍ଲୀ ସରପଞ୍ଚ ବାସୁଦେବ ରାଉତ, ତୁଳସୀପୁର ଗ୍ରାମର ପୂର୍ବତନ ସରପଞ୍ଚ ଭିକାରୀ ପାଣ୍ଡି, ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିଥିଲେ। ମଦ ବେପାରୀଙ୍କୁ ଶୀଘ୍ର ଧରାଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା।

### ଗଞ୍ଜେଇ ଜବତ, ୨ ଗିରଫ

ଆର.ଉଦୟଗିରି,୭।୩(ଡି.ଏନ.ଏ.) ଆର.ଉଦୟଗିରି ପୋଲିସ ଶୁକ୍ରବାର ରାତିରେ ପାରିଭେଟା ଗ୍ରାମ ନିକଟ କୁସୁମ ଘାଟିଠାରେ ଏକ ଗାଡ଼ିରୁ ୪୦୦ କେଜି ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ି ଡ୍ରାଇଭର ଗାଲିମେରା ଗ୍ରାମର ପ୍ରତାପ ମାଝି ଓ କାଶିମେରା ଗ୍ରାମର କିଶୋର ବୀର। ନଂ. ୧୮/୨୦ରେ ମାମଲା ରୁଜୁ କରି ଆର୍.ଉଦୟଗିରି ପୋଲିସ ଶନିବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଥାନାଧିକାରୀ ମମତା ନାୟକଙ୍କ ନିର୍ଦ୍ଦେଶରେ ଅନୁଗୁରୁ ଅଞ୍ଚଳରେ ପାଟ୍ରୋଲିଂ ଚାଲିଥିବା ସମୟରେ ଗଞ୍ଜେଇ ସହ ଗାଡ଼ିକୁ ପୋଲିସ ଧରିଥିଲା। ଗଞ୍ଜେଇ ମାଲିକ ପୋଲିସକୁ ଦେଖି ଚମ୍ପଟ ମାରିଥିଲେ। ଏହି କେସର ଅଧିକ ତଦନ୍ତ ଚାଲିଛି ବୋଲି ଶନିବାର ସାମ୍ବାଦିକ ସମ୍ମିଳନୀରେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ଥାନାଧିକାରୀ ଓ ଅନ୍ୟ ଅଧିକାରୀମାନେ କହିଛନ୍ତି।

# ପରିବାରରେ ନିଆଯିବ ଅନାଥ ଶିଶୁଙ୍କ ଯତ୍ନ

ଛତ୍ରପୁର,୭।୩(ଡି.ଏନ.ଏ.)



ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଉପକୃତ ହେବେ ୩୫,୦୬୮ ଅନାଥ, ଏକକ ଅଭିଭାବକ ଶିଶୁ**

ଅନାଥ ଆଶ୍ରମ କିମ୍ବା ଶିଶୁ ଯତ୍ନ କେନ୍ଦ୍ର ବଦଳରେ ପରିବାରରେ ହିଁ ଅନାଥ ଓ ଏକକ ଅଭିଭାବକ ଶିଶୁମାନଙ୍କର ଯତ୍ନ ସହ ସେମାନଙ୍କର ବିକାଶ କରାଯିବ। ଏ ନେଇ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଏବେ ଜିଲାରେ ଥିବା ୧୦ ଶିଶୁ ଯତ୍ନ କେନ୍ଦ୍ରରେ ମା', ବାପା ନ ଥିବା ଓ ଏକକ ଅଭିଭାବକ ଶିଶୁମାନଙ୍କୁ ରଖାଯାଇ ସରକାରୀ ଅନୁଦାନରେ ପାଠପଢ଼ିବା ଓ ଖାଇବା ବ୍ୟବସ୍ଥା କରାଯାଉଛି। ଅପରପକ୍ଷରେ କେତେକ ଶିଶୁମାନଙ୍କର ମା, ବାପା ନ ଥିବାବେଳେ ମଧ ସେମାନେ ଅଜା ଆଇ, ଜେଜେବାପା ମା, ମାମୁ ଓ ଦାଦା ଘରେ ରହୁଛନ୍ତି। ଏପରିକି କେତେକ ଶିଶୁଙ୍କର ଏକକ ଅଭିଭାବକ ଅଛନ୍ତି। ଉକ୍ତ ଶିଶୁମାନଙ୍କର କିଭଳି ଠିକ୍ ଭାବେ ଯତ୍ନ ନିଆଯିବ ଏବଂ ସେମାନେ ପାଠ ପଢ଼ିପାରିବେ ସେନେଇ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥିର କରିଛି। ଜିଲାରେ ଥିବା ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ସର୍ଭେ କରାଯାଇ ମା', ବାପା ନ ଥିବା ଶିଶୁ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ଏପରି ମୋଟ ୩୫ ହଜାର ୬୮ ଜଣ ଶିଶୁ ରହିଛନ୍ତି। ସେଥିମଧ୍ୟରେ ୨୭୨୯ ଜଣ ଅନାଥ (ମା', ବାପା ନ ଥିବା) ଶିଶୁ ଓ ୩୨ ହଜାର ୩୩୯ ଜଣ ଏକକ ଅଭିଭାବକ ଶିଶୁ ରହିଛନ୍ତି। ଏମାନେ ରହୁଥିବା ଘରର ଆର୍ଥିକ ସ୍ୱଚ୍ଛଳ ନ ଥିଲେ ପ୍ରତି ଶିଶୁ ପିଛା ମାସିକ ୨ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହ ଏ ଗୁଡିକର ସ୍କୁଲ ଓ ଅଙ୍ଗନୱାଡି ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ କିପରି ହେବ ସେ ଉପରେ ଆଲୋଚନା ପାଇଁ ଏକ ବୈଠକ ଶନିବାର ଛତ୍ରପୁରସ୍ଥିତ ଡିଆରଡିଏ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏ ନେଇ ବିସ୍ତୃତ ଭାବେ ସ୍ୱାସ୍ଥ୍ୟ, ଶିଶୁ ବିକାଶ ବିଭାଗ, ପଞ୍ଚାୟତିରାଜ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆବଶ୍ୟକ ପଡିଲେ ଉକ୍ତ ଶିଶୁମାନଙ୍କ ମଧ୍ୟରୁ କେତେକଙ୍କୁ ଜିଲାରେ ଥିବା ୧୦ ଶିଶୁ ଯତ୍ନ ଗୃହରେ ରଖି ପାଠ ପଢାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ବୈଠକରେ ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଣ୍ଟୀ, ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜିକା ବିନୀତା ସେନାପତି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭି.ସରୋଜିନୀ ଦେବୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଅରୁଣା ସମ୍ପାଦିକା ସୌଦାମିନୀ ରଥ, ସୁଶାନ୍ତ କୁମାର ସାହୁ, ସୁଦାମ ପାଣିଗ୍ରାହୀ, ଶିବ ପ୍ରସାଦ ରଥ ଓ ଦେବୀ ରଥ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅଧ୍ୟାପକଙ୍କୁ ଛୁରିରେ ଆକ୍ରମଣ: ଯୁବକ ଗିରଫ

ବୁଗୁଡ଼ା,୭।୩(ଡି.ଏନ.ଏ.)

ବୁଗୁଡ଼ା ଏନ୍‌ଏସି ବୁଦ୍ଧଖୋଲ ରୋଡ ସାହିରେ ରହୁଥିବା ଜଣେ ଅଧ୍ୟାପକଙ୍କୁ ଶୁକ୍ରବାର ରାତିରେ ଗାଳିଗୁଲଜ ସହ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ସାହିର ଦିଲୀପ କୁମାର ଦାଶ। ମାମଲା ନଂ.୫୨/୨୦ ଅନୁଯାୟୀ ବୁଗୁଡ଼ା ପୋଲିସ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଛୁରି ଜବତ କରାଯାଇଥିବା ବୁଗୁଡ଼ା ଏଏସ୍‌ଆଇ ଯୁଧିଷ୍ଠିର ମହାକୁଡ଼ କହିଛନ୍ତି। ପ୍ରକାଶ ଯେ, ବୁଗୁଡ଼ା ବ୍ଲକ ମାଣିତରା ଆଞ୍ଚଳିକ ବିଜ୍ଞାନ କଲେଜର ଅଧ୍ୟାପକ କାହ୍ନୁ ଚରଣ ଦାଶ କିଛିଦିନ ହେଲା ତାଙ୍କର ଯଜମାନ ଦାୟିତ୍ୱରେ ରହିଥିବା କେତେକ ପୁରୋହିତ କାମ କରିବାକୁ ଦିଲୀପଙ୍କୁ ଦେଇଥିଲେ। କିନ୍ତୁ ତାଙ୍କ କାମରେ ଅସନ୍ତୋଷ ପ୍ରକାଶ କରି କାହ୍ନୁ ଦିଲୀପଙ୍କୁ ଏହି ଦାୟିତ୍ୱରୁ ବାହାର କରି ଦେଇଥିଲେ। ଏଥିରେ ଦିଲୀପ ରାଗି ଯାଇ ଶୁକ୍ରବାର ରାତିରେ କାହ୍ନୁଚରଣଙ୍କୁ ଗାଳିଗୁଲଜ କରି ଛୁରିରେ ଆକ୍ରମଣ କରିଥିଲେ। ଆହତ ଅଧ୍ୟାପକଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଏ ନେଇ ଦିଲୀପଙ୍କ ନାଁରେ କାହ୍ନୁ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ।

# ଆହତ ଗର୍ଭିଣୀ ହରିଣ ଉଦ୍ଧାର

ହିଞ୍ଜିଳିକାଟୁ,୭।୩(ଡି.ଏନ୍.ଏ.)


ଆହତ ହରିଣର ଚିକିତ୍ସା ଚାଲିଛି।

ହିଞ୍ଜିଳିକାଟୁ ଓ ଶିକିରି ତାରାତାରିଣୀ ରୋଡ଼ରେ ଗାଡ଼ି ଧକ୍କାରେ ଆହତ ହୋଇଥିବା ଏକ ହରିଣକୁ ଶନିବାର ଭୋରରେ ବନବିଭାଗ ଉଦ୍ଧାର କରିଛି। ହରିଣଟି ଆହତ ହୋଇ ରାସ୍ତାରେ ଛଟପଟ ହେଉଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ହରିଣକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ହରିଣଟି ଗର୍ଭବତୀ ଥିବା ଜଣାପଡ଼ିଥିଲା। ସୁସ୍ଥ ହେବା ପରେ ଆସିକା ନିକଟ ଚାରିମାଇଲି ହରିଣ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ପାଇଁ ବିଭଗୀୟ ଉଚ୍ଚ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିବା ହିଞ୍ଜିଳିକାଟୁ ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା କହିଛନ୍ତି। ହରିଣଟି ରାସ୍ତାପାର ହେଉଥିବାବେଳେ ଗାଡି ଧକ୍କା ଦେଇଥିବା ଅନୁମାନ କରାଯାଉଛି। ଆହତ ହରିଣଙ୍କୁ ଚିକିତ୍ସା ପରେ ହିଂଜିଳିକାଟୁ ବନ ବିଭାଗ ଅଫିସରେ ରଖାଯାଇଛି।

# ଦ୍ୱିତୀୟ ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ବଳାତ୍କାର

ଦିଗପହଣ୍ଡି,୭।୩(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଅଞ୍ଚଳରେ ବିବାହିତା ମହିଳାଙ୍କୁ ୨ୟ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବକ ଗତ ୫ ବର୍ଷ ହେଲା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏଥିସହ ଅଭିଯୁକ୍ତ ଜଣକ ମହିଳାଙ୍କଠାରୁ ୪ଟି ସୁନା କାନଫୁଲ, ମୁଦିକୁ ବ୍ରହ୍ମପୁରର ଏକ ଘରୋଇ ବ୍ୟାଙ୍କରେ ବନ୍ଧକ ଦେଇ ଋଣ ନେଇଛନ୍ତି। ଏପରିକି ପର୍ଯ୍ୟାୟକ୍ରମେ ୮୫ ହଜାର ଟଙ୍କା, ସେ ଭଡ଼ାରେ ରହୁଥିବା ଘର ମାଲିକଙ୍କଠାରୁ ୧ ଲକ୍ଷ ୪୦ ହଜାର, କଟକରେ ରହୁଥିବା ମହିଳାଙ୍କ ସାଙ୍ଗ ନିକଟରୁ ୭୦ ହଜାର, ମହିଳା ଜଣକ ସଫେଇ କାମ କରୁଥିବା ଅନ୍ୟ ଘର ମାଲିକଙ୍କ ନିକଟରୁ ୫୦ ହଜାର ଟଙ୍କା ଠକିନେଇ ଫେରାର ହୋଇଯାଇଥିବା ନେଇ ସମ୍ପୃକ୍ତ ମହିଳା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ନଂ.୪୮/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ୨୦୧୪ ଫେବୃୟାରୀ ୨୦ ତାରିଖରେ ମହିଳାଙ୍କ ଗ୍ରାମ ନିକଟ ଅନ୍ୟ ଏକ ଗାଁରେ ରହୁଥିବା ଯୁବକଙ୍କ ସହ ପ୍ରଥମ ଦେଖା ହୋଇଥିଲା। ମହିଳାଙ୍କ ସ୍ୱାମୀ ବିବାହ ପରଠାରୁ ତାଙ୍କୁ ନିର୍ଯାତନା ଦେଉଥିବାରୁ ସେ ଉକ୍ତ ଯୁବକଙ୍କୁ ସବୁ କହୁଥିଲେ। ଯୁବକ ଜଣକ ନିଜକୁ ଅବିବାହିତ କହି ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ବାରମ୍ବାର ତାଙ୍କ ଘରକୁ ଆସି ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ମନା କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ସ୍ତ୍ରୀର ମର୍ଯ୍ୟାଦା ଦେବାର ପ୍ରତିଶ୍ରୁତି ଦେଇ ତାଙ୍କୁ ବ୍ରହ୍ମପୁରର ଏକ ଭଡ଼ା ଘରେ ନେଇ ରଖିଥିଲେ। ସମ୍ପୃକ୍ତା ମହିଳା ନିଜ ୩ ଛୁଆଙ୍କୁ ଛାଡି ଯୁବକଙ୍କ ସହ ସ୍ୱାମୀ–ସ୍ତ୍ରୀ ଭଳି ରହୁଥିଲେ। କିଛିଦିନ ପରେ ଯୁବକ ଜଣକ ପୂର୍ବରୁ ବିବାହିତ ଏବଂ ତାଙ୍କର ୨ ଛୁଆ ଥିବା ମହିଳା ଜାଣିବାକୁ ପାଇଥିଲେ। ସୁଯୋଗ ପାଇ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି।

# ଖବର ପ୍ରକାଶ ପରେ ସଫାହେଲା ରାସ୍ତା

ଦାରିଙ୍ଗବାଡ଼ି,୭।୩(ଡି.ଏନ୍.ଏ.)

**ଧରିତ୍ରୀ ପ୍ରଭାବ**


ସଫେଇ କାର୍ଯ୍ୟ ଚାଲିଛି।

ପ୍ରବଳ ବର୍ଷା ପରେ ଦାରିଙ୍ଗବାଡି ଅଞ୍ଚଳର ଅବସ୍ଥା ବେହାଲ ହୋଇପଡିଥିଲା। ବିଶେଷକରି ପଞ୍ଚାୟତ ଅଧିନରେ ରହିଥିବା ସମସ୍ତ ଡ୍ରେନ ଜାମ ଯୋଗୁ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ବର୍ଷାପରେ ଡ୍ରେନରେ ରହିଥିବା ପଲିଥିନ ସହ ଅଳିଆ ଆବର୍ଜନା ଆସି ରାସ୍ତା ଉପରେ ଗଦା ହୋଇରହିବା ସହ ପୂତିଗନ୍ଧମୟ ପରିବେଶରେ ନାକ ଫାଟି ପଡିଥିଲା। ଏନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପରେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସଫେଇ କାର୍ଯ୍ୟ ଆରମ୍ଭ କରାଯାଉଛି। ରାସ୍ତା ଉପରେ ପଡ଼ିରହିଥିବା ସମସ୍ତ ପଲିଥିନ ସମେତ ଅଳିଆ ଆବର୍ଜନା ସଫା କରାଯାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ କହିଛନ୍ତି।

## କୋର୍ଟ ସମ୍ମୁଖରେ ମୃତଦେହ

ଭଞ୍ଜନଗର,୭।୩(ଡି.ଏନ.ଏ.)

ଭଞ୍ଜନଗର କୋର୍ଟ ସମ୍ମୁଖରେ ଶନିବାର ଅପରାହ୍ନରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଜଣାପଡ଼ିଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ଠିକ୍ ଭାବେ ଜଣାପଡ଼ିନାହିଁ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି।






# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ମଞ୍ଜୁର

ଛତ୍ରପୁର,୭।୩(ଡି.ଏନ୍.ଏ.)

ଛତ୍ରପୁରରେ ବହୁ ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ୧୦ ଏକର ଜମି ରାଜ୍ୟ ସରକାର ଶନିବାର ମଞ୍ଜୁର କରିଛନ୍ତି। ଛତ୍ରପୁର ତହସିଲର ଆର୍ଯ୍ୟପଲ୍ଲୀ ମୌଜାରେ ପୂର୍ବରୁ ଚିହ୍ନଟ ୧୦ ଏକର ଜମି ନୂଆଦିଲ୍ଲୀସ୍ଥିତ ଭାରତ ସରକାରଙ୍କ ମାନବସମ୍ବଳ ବିକାଶ ବିଭାଗ ଅଧିନ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଲିଜ୍‌ରେ ଦିଆଯିବ। ଏନେଇ ଶନିବାର ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ଅଭୟ କୁମାର ନାୟକଙ୍କ ପକ୍ଷରୁ ଏକ ଚିଠି (ନଂ–୧୧୩୪୮) ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ଗଞ୍ଜାମ ଜିଲାପାଳ, ଛତ୍ରପୁର ଉପଜିଲାପାଳ ଓ ତହସିଲଦାରଙ୍କ ନିକଟକୁ ଆସିଛି। ଏନେଇ ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଶନିବାର ସୂଚନା ଦିଆଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ତାଙ୍କ ପ୍ରତିନିଧିଙ୍କୁ ୬ ମାସ ମଧ୍ୟରେ ପଠାଇ ଛତ୍ରପୁରରେ ଲିଜ୍ ଡିଡ୍ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ଟ୍ରକ୍ ଧକ୍କାରେ ଜଣେ ମୃତ

ଛତ୍ରପୁର,୭।୩(ଡି.ଏନ୍.ଏ.)

ଛତ୍ରପୁର କଲେଜ ଛକ ଜାତୀୟ ରାଜପଥରେ ଶନିବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ଜଣେ ଚୋଟା ଜଗୁଆଳିଙ୍କ ମୃତ୍ୟୁ ଘଟଇଛି। ସେହେଲେ ଛତ୍ରପୁର ଥାନା ପୁରୁଣାପାଟଣା ଗାଁର ମହେନ୍ଦ୍ର ରାଉଳ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ମହେନ୍ଦ୍ର କାମସାରି ସାଇକେଲରେ ଘରକୁ ଫେରିବାକୁ କଲେଜ ଛକଠାରେ ଜାତୀୟ ରାଜପଥ ପାର ହେଉଥିଲେ। ଏହି ସମୟରେ ଏକ ଟ୍ରକ୍ (ନଂ.ଏପି ୨୬ଟିଟି–୯୩୬୯) ତାଙ୍କୁ ଧକ୍କା ଦେଇଥିଲା। ଛତ୍ରପୁର ପୋଲିସ ଟ୍ରକ୍‌ଟିକୁ ଜବତ କରିଛି।

# ଦୁର୍ଗମ ଅଞ୍ଚଳ ନୂଆବନ୍ଧରେ ଜିଲାପାଳ


ଜିଲାପାଳ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ଚିକିଟି,୭।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଚିକିଟି ବ୍ଲକ କେ.ନୂଆଗାଁ ପଞ୍ଚାୟତର ନୂଆବନ୍ଧ ଗ୍ରାମକୁ ଗସ୍ତ କରିଥିଲେ। ସେଠାରେ ନୂଆବନ୍ଧ କରାଖାଲି ରାସ୍ତା, ନୂଆବନ୍ଧ ଗାଁର ଜମି ସମତୁଲ, ଗୁହାଳ ଘର, ବୋରୱେଲ ଏବଂ ପ୍ରଧାନମନ୍ତ୍ରୀ ଆବାସ ଗୃହ ବୁଲି ଦେଖିଥିଲେ। ଏଥିସହ ଗ୍ରାମର ଲୋକମାନଙ୍କୁ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ଆଦିବାସୀ ଅପହଞ୍ଚ ଇଲାକାରେ ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟ ହୋଇନାହିଁ ସେଗୁଡ଼ିକୁ ଶୀଘ୍ର କରିବା ପାଇଁ କହିଥିଲେ। ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ବିଡିଓ ଫାଲ୍‌ଗୁନି ମାଝି, ସହକାରୀ ନିର୍ବାହୀ ଯନ୍ତ୍ରୀ, ସୁଶାନ୍ତ କୁମାର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ମିଶ୍ର, ଏପିଓ ସନ୍ତୋଷ କୁମାର ସାହୁ, ଜିଆର୍‌ଏସ୍, ଗାଁ ସାଥୀଙ୍କ ସମେତ ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ